# ପିଲାଙ୍କ ଧରିତ୍ରୀ

ଶନିବାର , ୨୭ ଅଗଷ୍ଟ, ୨୦୨୨



# ଖିଲି ଖିଲି ହସ

ଜଣେ କଞ୍ଜୁସ୍ ବ୍ୟକ୍ତି ତାଙ୍କ ପୁଅକୁ ମାରୁଥିବାର ଦେଖି ପଡ଼ୋଶୀ ପଚାରିଲେ, କାହିଁକି ମାରୁଛ ପୁଅକୁ ?
**ବ୍ୟକ୍ତି:** ମୁଁ ପୁଅକୁ କହିଥିଲି ଗୋଟିଏ ପାହାଚ ଛାଡ଼ି ଆଉ ଗୋଟେ ପାହାଚ ଚଢ଼ିବୁ, କାରଣ ଚପଲ କମ୍ ଘଷିହେବ, ହେଲେ ସେ ଦୁଇ ଦୁଇଟା ପାହାଚ ଛାଡ଼ି ଚଢ଼ିଲା ; ଯେଉଁଥିପାଇଁ ତା'ର ପ୍ୟାଣ୍ଟ ଫାଟିଗଲା ।

**ସ୍କୁଲ୍‌ରେ ଗଣିତ କ୍ଲାସ୍ ଚାଲିଥିଲା,**
**ଶିକ୍ଷକ କହିଲେ:** ଯଦି ୧୦୦୦ କିଲୋ ଏକ ଟନ୍ ହୁଏ, ତେବେ ୩୦୦୦ କିଲୋ କେତେ ଟନ୍ ହେବ ?
**ପପୁ:** ସାର୍ ମୁଁ କହିବି ?
**ଶିକ୍ଷକ:** କୁହ
**ପପୁ:** ଟନ୍, ଟନ୍ , ଟନ୍ ।

ଶିକ୍ଷକ କହିଲେ, ବିଦେଶରେ ରହୁଥିବା ୧୫ ବର୍ଷର ପିଲା ନିଜ ଗୋଡ଼ରେ ଠିଆ ହୋଇ ଯାଉଛନ୍ତି ।
**ଏହା ଶୁଣିଲା ପରେ ରାଜୁ କହିଲା:** ସାର୍, ଆମ ଭାରତରେ ତ ବର୍ଷକର ପିଲା ଦୌଡ଼ିବାର ଦେଖିବାକୁ ମିଳୁଛି ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ । ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ ।

**ଆମ ଠିକଣା**
dharitrifeature@gmail.com

# ଗଣିଆ ମୁଣ୍ଡରେ ଗଣଙ୍କ ଚିନ୍ତା

**ଗପ**



ଗଣପତିପୁରରେ ଥିବା ଗଜାନନ ନଗର ଗଣେଶ ପୂଜା ଭାରି ଧୁମ୍‌ଧାମ୍‌ରେ ପାଳନ କରାଯାଏ । କେତେଆଡୁ କେତେ ଲୋକ ଆସନ୍ତି। ଦୋକାନ ବଜାର ବସେ। ଲୋକଙ୍କ ଘରେ କୁଣିଆଙ୍କ ଭିଡ଼ ହୁଏ ।

ଏଥର ଗଜାନନ ନଗର ଗଣେଶ ପୂଜାର ସୁବର୍ଣ୍ଣ ଜୟନ୍ତୀ। ଆହୁରି ବଡ଼ ଆକାରରେ କରିବା ପାଇଁ ଆୟୋଜକମାନେ ଲାଗି ପଡ଼ିଛନ୍ତି। ପୂରା ମଣ୍ଡପଟି ଫୁଲରେ ସଜା ହେବ, ଶହେ ଆଠ ପିତ୍ତଳ ଗରାରେ ପୂର୍ଣ୍ଣକୁମ୍ଭ ବସା ଯିବ, ହଜାରେ ଆଠ ଘିଅ ଦୀପ, ଲକ୍ଷେ ବଡ଼ ବଡ଼ ବୁନ୍ଦିଆ ଲଡୁ ବଣ୍ଟା ହେବ, ଘୁମୁରା ନାଚ, ଛଉ ନାଚ, ଓଡ଼ିଶୀ ନାଚ, ବିଭିନ୍ନ ପ୍ରକାର ବାଜା ବାଜିବ, ସଙ୍ଗୀତ କାର୍ଯ୍ୟକ୍ରମ ଆଦି ଅନେକଗୁଡ଼ିଏ କାର୍ଯ୍ୟକ୍ରମ ହେବ ବୋଲି ସ୍ଥିର ହୋଇଛି।

ପୂଜା କମିଟି ବୈଠକରେ ଏକଥା ସ୍ଥିର ହେଲା ପରେ ସମସ୍ତେ ଲାଗି ପଡ଼ିଲେ ଚାନ୍ଦା ଆଦାୟ କରିବା ପାଇଁ। ବୈଠକରେ କର୍ମକର୍ତ୍ତାମାନଙ୍କୁ ଚା ଜଳଖିଆ ଆଣି ଯୋଗାଇ ଦିଏ ପାଖ ହୋଟେଲରେ କାମ କରୁଥିବା ଚଉଦ ପନ୍ଦର ବର୍ଷର ପିଲାଟିଏ। ନାଁ ତା'ର ଗଣେଶ, ଡାକ ନାଁ ଗଣିଆ। ଭାରି ଭଲ ପିଲାଟିଏ। ଯେତିକି ସଚ୍ଚୋଟ ସେତିକି କାମିକା। ଯେତେବେଳେ ଦେଖ ହସ ହସ ମୁହଁରେ ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ଆଗଭର।

ସେଦିନ ଥାଏ ରବିବାର। ବୈଠକଖାନାରେ ଝାଡୁ ମାରି ଟେବୁଲ ଚେୟାର ପୋଛା ପୋଛି କରୁଥାଏ ଗଣିଆ। ପୂଜା କମିଟିର ସଭାପତି ତ୍ରିପାଠୀବାବୁଙ୍କ ମୁଣ୍ଡ ସେଦିନ ଭାରି ଗରମ ଥାଏ। ଟେବୁଲ ପୋଛୁପୋଛୁ ଗଣିଆର ମଇଳା କପଡାଟି ବାଜିଗଲା ତ୍ରିପାଠୀ ବାବୁଙ୍କ ଦେହରେ। ସେ ତ ଚିଡି କରି ଥିଲେ, ଗଣିଆର କାନ ମୋଡ଼ି ଲଗେଇ ଦେଲେ ଚଟକଣିଟାଏ। ପର ମୁହୂର୍ତ୍ତରେ ତ୍ରିପାଠୀବାବୁ ନିଜ ଭୁଲ ବୁଝିପାରି ତାକୁ ପାଖକୁ ଡାକିଲେ। କହିଲେ, "ପୁଅ, ମୁଁ ରାଗି ଯାଇ ତୋ ଉପରେ ହାତ ଉଠେଇ ଦେଲି, ମୋର ଭୁଲ ହୋଇଗଲା।" ଏହା କହି ତାକୁ କୋଡ଼ିଏ ଟଙ୍କା ବଢ଼େଇ ଦେଇ କହିଲେ, ଯା ବାପା କ'ଣ ଟିକେ ଖାଇ ନବୁ।"

ତାଙ୍କଠାରୁ ଟଙ୍କା ନ ନେଇ ଗଣିଆ ସେମିତି ଠିଆ ହୋଇ ରହିଲା, ଆଖିରୁ ତା'ର ଝର ଝର ହୋଇ ଲୁହ ବୋହି ଯାଉଥାଏ। ତ୍ରିପାଠୀ ବାବୁ କହିଲେ, ଆଉ ଅଧିକ ଟଙ୍କା ଦରକାର କି.. ? ଗଣିଆ କହିଲା "ଆଜ୍ଞା, ମୋର ଟଙ୍କା ଦରକାର ନାହିଁ, କିନ୍ତୁ ମୁଁ କଥାଟିଏ କୁହନ୍ତି ଯଦି ଅନୁମତି ଦେବେ..."

ତ୍ରିପାଠୀବାବୁ ତା' ପିଠି ଆପୁଡ଼ାଇ କହିଲେ, କହ ବାପା। ଗଣିଆ କହିଲା, "ଆଜ୍ଞା, ମୁଁ ଛୋଟ ପିଲା, ମୋର ବା କେତେ ବୁଦ୍ଧି, କିନ୍ତୁ ଏତିକି ଜାଣିଛି, ଗଣେଶ ହେଉଛନ୍ତି ଗଣଙ୍କ ଈଶ ବା ଲୋକଙ୍କ ଠାକୁର, ଲୋକଙ୍କ ପାଇଁ କିଛି କଲେ ସେ ଭାରି ଖୁସି ହୁଅନ୍ତି। ଏଥର ବର୍ଷାରେ ଅନେକ ଗାଁରେ ବନ୍ୟା ହୋଇଛି, କେତେ ଲୋକ ମରିଛନ୍ତି, କେତେ ଲୋକଙ୍କ ଘର ଭାଙ୍ଗିଛି। ତେଣୁ ଏଠି ଫୁଲ, ବାଜା, ନାଚ ଗୀତ ଲଡୁରେ ପଇସା କମ୍ ଖର୍ଚ୍ଚ କରି ଯଦି ସେମାନଙ୍କୁ କିଛି ସାହାଯ୍ୟ କରିହୁଅନ୍ତା ତେବେ କେତେ ଲୋକ ବଞ୍ଚି ଯାଆନ୍ତେ।" ଏତିକି କହି ଭେଁ ଭେଁ ହୋଇ କାନ୍ଦି ଉଠିଲା ଗଣିଆ।

ତା' କଥା ଶୁଣି ତ୍ରିପାଠୀବାବୁଙ୍କ ଆଖିରେ ଲୁହ ଭରିଗଲା। ସେ କହିଲେ, ବାବୁରେ ତୁ ଛୋଟ ପିଲା ହେଲେ କ'ଣ ହେବ ତୋ ପରି ଚିନ୍ତାଧାରା ହିଁ ଏ ସମାଜର ଉନ୍ନତି ପାଇଁ ଆବଶ୍ୟକ। ଆଜି ବୈଠକରେ ମୁଁ ଏଇ କଥା କହିବି। ସତକୁ ସତ ତାଙ୍କ କଥାରେ ସମସ୍ତେ ରାଜି ହୋଇଗଲେ। ଆଦାୟ ହୋଇଥିବା ସମସ୍ତ ଟଙ୍କାରେ ଚୁଡା, ଚାଉଳ, ଔଷଧ, ପଲିଥିନ୍ ଆଦି କିଣା ହୋଇ ବଣ୍ଟା ଗଲା ଗରିବ ଲୋକଙ୍କୁ। ଜାଣିବା ଶୁଣିବା ଲୋକେ ତ୍ରିପାଠୀବାବୁଙ୍କୁ ଢେର୍ ପ୍ରଶଂସା କଲେ, କହିଲେ ଯାକୁ ହିଁ କୁହନ୍ତି ପ୍ରକୃତ ଗଣେଶ ପୂଜା। ଗଣେଶ ପୂଜା ନ କରି ବି ଏଥର ପ୍ରଥମ ପୁରସ୍କାର ପାଇଲା ଗଜାନନ ନଗରର ପୂଜା କମିଟି। କିନ୍ତୁ ସମସ୍ତଙ୍କ ମୁହଁରେ ଗଣିଆର ପ୍ରଶଂସା।

**-ଛନ୍ଦା ମିଶ୍ର**
କଳିଙ୍ଗ ନଗର, ଭୁବନେଶ୍ୱର
ମୋ: ୯୪୩୭୪ ୫୩୬୧୦

# କୁନି ନୃତ୍ୟଶିଳ୍ପୀ ପ୍ରାଦନ୍ୟା

**ଶିଶୁ ପ୍ରତିଭା**

ମାତ୍ର ଦେଢ଼ ବର୍ଷ ବୟସରେ ମୋବାଇଲରେ ଗୀତ ବାଜିବା ମାତ୍ରେ ସେ ନାଚି ଉଠୁଥିଲେ। ଝିଅର ନୃତ୍ୟରେ ଆଗ୍ରହ ଦେଖି ଅଭିଭାବକ ତାଙ୍କୁ ଭୁବନେଶ୍ୱରରେ ଓଡ଼ିଶୀନୃତ୍ୟ ଶିଖାଇବାକୁ ପଠାଇଲେ। ବାପା ରାଉରକେଲାରେ ଚାକିରି କରିଥିବାରୁ ଅଳ୍ପ କିଛିଦିନ ପରେ ପୁଣି କର୍ମକ୍ଷେତ୍ରକୁ ଫେରିବାକୁ ହୋଇଥିଲା। ହେଲେ ସେ ମୋବାଇଲରେ ବିଭିନ୍ନ ଡାନ୍ସ ଭିଡିଓ ଦେଖି ନିଜର ନୃତ୍ୟ ଶିକ୍ଷା ଜାରି ରଖିଲେ ଏବଂ ଖୁବ୍ ସୁନ୍ଦର ନୃତ୍ୟ ମଧ୍ୟ କଲେ। ବିଭିନ୍ନ ସ୍ଥାନରେ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ସେ ହେଉଛନ୍ତି ରାଉରକେଲା କଳିଙ୍ଗ ବିହାର ସ୍ଥିତ କୋପରେଟିଭ୍ କଲୋନୀରେ ରହୁଥିବା ସ୍ମିତା ଓ ପ୍ରସନ୍ନ କୁମାର ମିଶ୍ରଙ୍କ ଝିଅ ପ୍ରାଦନ୍ୟା। ବର୍ତ୍ତମାନ ସେ ଚିନ୍ମୟ ବିଦ୍ୟାଳୟ(ଇଏମ୍) ଷ୍ଟାଣ୍ଡାର୍ଡ ୧ର ଛାତ୍ରୀ।

କୌଣସି ତାଲିମ ନ ନେଇ ସେ କଟକର ଦୟାନନ୍ଦ ସ୍ମୃତିକଳା ପରିଷଦ ତରଫରୁ ମଡର୍ନ ଡାନ୍ସରେ ପୁରସ୍କାର ପାଇବା ସହ ୩ବର୍ଷ ବୟସରେ ଏସ୍‌ପ୍ଲାନେଡ୍‌ରେ ଫ୍ୟାଶନ୍ ଶୋ', ୨୦୨୧ରେ ଏସ୍‌ବିଆଇ, ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ଆୟୋଜିତ ନୃତ୍ୟ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହୋଇଛନ୍ତି। ନୃତ୍ୟ ବ୍ୟତୀତ ସେ ଗୀତ ଓ ଚିତ୍ରକଳାରେ ମଧ୍ୟ ରୁଚି ରଖନ୍ତି।

ପୁଣି କେବଳ ମୋବାଇଲରୁ ଶୁଣି ଓଡ଼ିଆ, ଇଂଲିଶ ଓ ହିନ୍ଦୀ ଭାଷାରେ ଗୀତ ଗାଇ ପୁରସ୍କୃତ ହୋଇଛନ୍ତି। ବର୍ତ୍ତମାନ ସେ ବର୍ଷା ଏଣ୍ଟରଟେନ୍‌ମେଣ୍ଟ ଡାନ୍ସ ମ୍ୟୁଜିକ୍‌ରେ ଡାନ୍ସ ଶିଖିବା ସହ ହିନ୍ଦୁସ୍ଥାନ କ୍ଲାସିକାଲ୍ ଗୀତ ମଧ୍ୟ ଶିଖୁଛନ୍ତି। ୨୦୨୦ରେ ଭୁବନେଶ୍ୱରରେ ଆୟୋଜିତ ଓଡ଼ିଶା ଫ୍ୟାଶନ୍ ଭିଲାରେ ରଜରାଜକୁମାରୀ କିଡ୍ କାଟାଗୋରିରେ ସେ ପ୍ରଥମ ପୁରସ୍କାର ପାଇଛନ୍ତି। ଭବିଷ୍ୟତରେ ଜଣେ ଦକ୍ଷ ନୃତ୍ୟାଙ୍ଗନା ହେବା ସହ ଗାୟିକା ହେବାକୁ ଲକ୍ଷ୍ୟ ରଖିଥିବା କୁହନ୍ତି ପ୍ରାଦନ୍ୟା।




# ମତାମତ

❖ 'ଆସ ଜାଣିବା' ସ୍ତମ୍ଭରୁ ବାଜପକ୍ଷୀର ସଂଘର୍ଷମୟ ଜୀବନ ବିଷୟରେ ପଢ଼ି ଆଶ୍ଚର୍ଯ୍ୟ ଲାଗିଲା ।
**-ଅସୀମା ବେହେରା,** ତିର୍ତ୍ତୋଲ, ଜଗତ୍‌ସିଂହପୁର

❖ 'ଆଇନା' ସ୍ତମ୍ଭରେ ପ୍ରକାଶିତ ପିଲାଙ୍କ ଫଟୋ ଆକର୍ଷଣୀୟ ହୋଇଛି।
**-ପୁଷ୍ପିତା ସେନାପତି,** ବୀରମହାରାଜପୁର, ସୋନପୁର

❖ ପ୍ରତି ଶନିବାର 'ପିଲାଙ୍କ ଧରିତ୍ରୀ' ପଢ଼ିବାକୁ ମୁଁ ଉତ୍ସୁକତାର ସହ ଅପେକ୍ଷା କରିଥାଏ । ଏହାର ପୃଷ୍ଠା ସଂଖ୍ୟା ବୃଦ୍ଧି କରିବାକୁ ଅନୁରୋଧ ।
**-ଜଗଦୀଶ ପାତ୍ର,** ବାଦାମବାଡ଼ି, କଟକ

## ରଙ୍ଗ ଦିଅ



# ଅଗ୍ରପୂଜ୍ୟ

ବିଦ୍ୟାଦାତା ଗଣେଶ। ସେ ପୁଣି ଅଗ୍ରପୂଜ୍ୟ ଭାବେ ବିଦିତ। ତେବେ ଶିକ୍ଷାନୁଷ୍ଠାନ ହେଉ କି ପୂରପଲ୍ଲୀ, ସବୁଠି ଗଣେଶଙ୍କ ପୂଜା ବେଶ୍ ଜାକଜମକରେ ପାଳନ କରାଯାଏ। ବିଶେଷ ଭାବରେ ସ୍କୁଲରେ ପିଲାମାନେ ଗଣେଶଙ୍କୁ ପୂଜା କରି ବିଦ୍ୟା ଭିକ୍ଷା କରିଥାଆନ୍ତି। ଗତ ଦୁଇ ବର୍ଷ ହେଲା ପିଲାମାନେ ଏହି ପୂଜା କରି ପାରିନାହାନ୍ତି । କାରଣ କରୋନା ମହାମାରୀ ପାଇଁ ସେମାନଙ୍କୁ ଘରେ ରହି ପାଠ ପଢ଼ିବାକୁ ପଡୁଥିଲା। ତେଣୁ ଏଥର ପିଲାଏ ଗଣେଶ ପୂଜାକୁ ଧୁମଧାମ୍‌ରେ ପାଳନ କରିବାକୁ ବ୍ୟଗ୍ର। ଏ ସମ୍ପର୍କରେ କେତେକ ଛାତ୍ରୀଛାତ୍ର ଯାହା କହନ୍ତି...



## ଗଣେଶ ପୂଜାର ମଜା ନିଆରା

ପ୍ରଭୁ ଗଣେଶଙ୍କ ଆଶୀର୍ବାଦ ବିନା ପାଠ ହେବ ନାହିଁ ବୋଲି ମୋର ଦୃଢ଼ ବିଶ୍ୱାସ। ଏହି ପୂଜା ଦିନ ମୁଁ ପୁଷ୍ପାଞ୍ଜଳି ଦେବା ପର୍ଯ୍ୟନ୍ତ ଉପବାସ ରହିଥାଏ। ପ୍ରତିବର୍ଷ ଏହାକୁ ଅନୁସରଣ କରେ। ଏଥର ବି ପୂଜା ଦିନ ସକାଳୁ ଗାଧୋଇ ନୂଆ ଡ୍ରେସ ପିନ୍ଧି ସ୍କୁଲକୁ ଯିବି। ଯେହେତୁ ମୋର ଦଶମ, ତେଣୁ ପାଠପଢ଼ାର ଭାର ଅଧିକ। କାରଣ ଏଥର ମୁଁ ମାଟ୍ରିକ୍ ପରୀକ୍ଷା ଦେବି। ତେଣୁ ଏବର୍ଷ ସ୍କୁଲରେ ଗଣେଶ ପୂଜାକୁ ସ୍ମରଣୀୟ କରିବାକୁ ଚାହୁଁଛି। ତା'ସହ ଆମ ସ୍କୁଲରେ ଗଣେଶ ପୂଜା ଲାଗି ମୋ ସହ କେତେ ଜଣ ପିଲାଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାକୁ କିପରି ସୂଚାରୁ ରୂପେ ତୁଲାଇବି ସେ ନେଇ ନିଜକୁ ପ୍ରସ୍ତୁତ କରିସାରିଛି। ମେଢ଼ସଜ୍ଜାଠାରୁ ଆରମ୍ଭ କରି ଠାକୁର ଆଣିବା, ପୂଜା ସାମଗ୍ରୀ ଯୋଗାଡ଼ କରି ରଖିବାର ଦାୟିତ୍ୱ ଆମକୁ ଦିଆଯାଇଛି। ଆମ ଘରେ ବି ଗଣେଶ ଠାକୁର ଅଛନ୍ତି। ମୁଁ ସବୁଦିନ ଗାଧୋଇ ତାଙ୍କୁ ପୂଜା କରେ। ସନ୍ଧ୍ୟାରେ ତାଙ୍କ ସାମ୍ନାରେ ବସି ପ୍ରାର୍ଥନା କରେ। ଏଥର ଯେହେତୁ ସ୍କୁଲରେ ଆମର ଶେଷ ଗଣେଶ ପୂଜା, ତେଣୁ ଏହାକୁ ସ୍ପେଶାଲ କରିବାକୁ ଆମେ ସାଙ୍ଗମାନେ ଯୋଜନା କରିଛୁ। ମୋଟ ଉପରେ କହିବାକୁ ଗଲେ ଏହି ପୂଜାର ମଜା ନିଆରା।



– **ଅନ୍ୱେଷ କୁମାର ମହାନ୍ତି,** କ୍ଲାସ-୧୦, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭୀମଟାଙ୍ଗୀ, ଭୁବନେଶ୍ୱର

## ଠାକୁରଙ୍କୁ ସଜେଇବୁ

ଗଣେଶ ପୂଜା ଦିନ ସକାଳୁ ଉଠି ମୋର ନିତ୍ୟକର୍ମ ସାରି ଫୁଲ ତୋଳିବାକୁ ଯିବି। ଫୁଲ ତୋଳି ଆସିଲା ପରେ ନୂଆ ଡ୍ରେସ୍ ପିନ୍ଧିବି। ଏହାପରେ ଗୁରୁଜନଙ୍କର ଆଶୀର୍ବାଦ ନେବି। ସ୍କୁଲ୍‌ରେ ଆମର ପୂଜା ହେବ। ଠାକୁରଙ୍କୁ ସୁନ୍ଦର ଭାବେ ସଜେଇବୁ। ମୁଁ ଗଣେଶଙ୍କୁ ପ୍ରାର୍ଥନା କରିବି ଯେ ମୋର ପରୀକ୍ଷାରେ ଯେମିତି ଭଲ ମାର୍କ ରହିବ। ପୂଜା ପାଇଁ ଚାନ୍ଦା ଆଦାୟ ହୋଇଛି। ପୂଜାରେ ପ୍ରସାଦ ସେବନର ମଧ୍ୟ ବ୍ୟବସ୍ଥା ହୋଇଛି। ଆମେ ସବୁ ସାଙ୍ଗମାନେ ପ୍ରସାଦ ସେବନ ପରେ ଘରକୁ ଫେରିବୁ।



–**ଲକ୍ଷ୍ମୀପ୍ରିୟା ସ୍ୱାଇଁ,** କ୍ଲାସ-୧୦, ବ୍ରାହ୍ମଣସାଇଲୋ ହାଇସ୍କୁଲ୍, କଣ୍ଟାପଡା, କଟକ

## ଗଣେଶଙ୍କ ଆଶୀର୍ବାଦ ଭିକ୍ଷା କରିବି

ଦୁଇ ବର୍ଷ ପରେ ଏଥର ଆମେ ସ୍କୁଲରେ ଗଣେଶ ପୂଜା ପାଳନ କରିବୁ। ଏଥିପାଇଁ ସ୍କୁଲ ପକ୍ଷରୁ ସ୍ୱତନ୍ତ୍ର ଆୟୋଜନ ହୋଇଛି। ପ୍ରତିବର୍ଷ ଆମ ସ୍କୁଲରେ ଏହି ପୂଜାକୁ ମହା ଆଡ଼ମ୍ବରରେ ପାଳନ କରାଯାଏ। ଗଣେଶ ହେଉଛନ୍ତି ବିଦ୍ୟାର ଦେବତା। ଯେମିତି ସରସ୍ୱତୀଙ୍କ ଆଶୀର୍ବାଦ ବିନା ପାଠ ହୁଏନା, ଠିକ୍ ସେମିତି ଗଣେଶଙ୍କ କରୁଣା ବିନା ଆମ ଛାତ୍ର ଜୀବନ ଆଗେଇ ପାରିବ ନାହିଁ ବୋଲି ମୋର ବିଶ୍ୱାସ। ଗଣେଶଙ୍କ ଉପରେ ଦୃଢ଼ ବିଶ୍ୱାସ ରହିଛି। ପ୍ରତିବର୍ଷ ଗଣେଶ ପୂଜାରେ ମୁଁ ଅଂଶଗ୍ରହଣ କରିଥାଏ। ଏଥର ଗଣେଶ ପୂଜା ଟିକେ ନିଆରା ହେବ। କାରଣ ଗତ ଦୁଇବର୍ଷ ହେଲା ଆମେ ଏହି ପୂଜାକୁ ମିସ୍ କରୁଥିଲୁ। କରୋନା ପାଇଁ ଘରେ ରହି ପଢ଼ିବାକୁ ପଡୁଥିଲା। ସ୍କୁଲରେ ଗଣେଶ ପୂଜାକୁ ସବୁବେଳେ ମୁଁ ବେଶ୍ ଆଗ୍ରହର ସହ ଅପେକ୍ଷା କରିଥାଏ। ଏଥର ସ୍କୁଲରେ ସାଙ୍ଗମାନଙ୍କ ସହ ଏହି ପୂଜାର ମଜା ନେବି। ପୂଜା ଦିନ ନୂଆ ଡ୍ରେସ୍ ପିନ୍ଧିବି। ପ୍ରତିବର୍ଷ ଗଣେଶ ପୂଜାରେ ନିକଟସ୍ଥ ଗଣେଶ ମନ୍ଦିରକୁ ଯାଇଥାଏ। ଏହି ଦିନ ଆମ ଘରେ ମଧ୍ୟ ଗଣେଶ ପୂଜା ପାଳିତ ହୋଇଥାଏ। ସକାଳୁ ଗଣେଶ ବନ୍ଦନାରେ ଘରର ପରିବେଶ ଆଧ୍ୟାତ୍ମିକ ହୋଇଉଠେ। ଏଥର ଗଣେଶ ପୂଜାରେ ମୋର ସାଙ୍ଗମାନେ ଏକ ଭୋଜିର ବି ଆୟୋଜନ କରିଛୁ।




–**ସ୍ୱଦିତା ଜେନା,** କ୍ଲାସ-୮, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ପାଣ୍ଡରା, ଭୁବନେଶ୍ୱର

## ଆଗ୍ରହର ସହ ଅପେକ୍ଷା କରିଛି

ଜୀବନରେ ନିଜର ଲକ୍ଷ୍ୟ ହାସଲ କରିବାକୁ ହେଲେ ଆମକୁ ପ୍ରଥମେ ପାଠ ପଢ଼ିବାକୁ ପଡ଼ିବ। କାରଣ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ଚାକିରିଟିଏ ମିଳିଥାଏ। ଗଣେଶ ହେଉଛନ୍ତି ବିଦ୍ୟାଦାତା। ଆମ ସ୍କୁଲରେ ପାଳିତ ହେଉଥିବା ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ, ଗଣେଶ ପୂଜା ଏବଂ ସରସ୍ୱତୀ ପୂଜାରେ ମୁଁ ଉପସ୍ଥିତ ରୁହେ। ଗତ ଦୁଇ ବର୍ଷ ହେବ କରୋନା ଲାଗି ଆମେ ଏହି ପୂଜା ପାଳନ କରିପାରିନୁ। ମନ ତ ନିଶ୍ଚୟ ଦୁଃଖ ହେଉଥିଲା। ହେଲେ କିଛି ଉପାୟ ନ ଥିଲା। କାରଣ ସରକାରଙ୍କ ନିୟମକୁ ଆମକୁ ପାଳନ କରିବାକୁ ପଡୁଥିଲା। ହେଲେ ଏ ବର୍ଷ ସ୍କୁଲ ଖୋଲିଛି। ପାଠପଢ଼ା ଚାଲିଛି। ଆଉ ଏଥର ଗଣେଶ ପୂଜାକୁ ଆଗ୍ରହର ସହ ଅପେକ୍ଷା କରିଛି। ଏଥର ସ୍କୁଲରେ ଏହି ପୂଜା ବେଶ୍ ଧୁମ୍‌ଧାମରେ ହେବ। ନୂଆ ଡ୍ରେସ୍ ପିନ୍ଧି ପୂଜାରେ ଯୋଗ ଦେବି। ପ୍ରତିଥର ପରି ଏଥର ମଧ୍ୟ ପ୍ରଭୁ ଗଣେଶଙ୍କୁ 'ମୋର ଭଲ ପାଠ ହେଉ' ବୋଲି ମାଗିବି। ତା'ସହ ମୋ ସାଙ୍ଗମାନଙ୍କର ପାଠପଢ଼ା କ୍ୟାରିୟର ଭଲ ହେଉ ବୋଲି ମନାସିବି। ଏଥର ଗଣେଶ ପୂଜାକୁ ଏମିତି ପାଳନ କରିବି, ଯେମିତି ତାହା ମୋ ପାଇଁ ସ୍ମରଣୀୟ ହୋଇ ରହିବ।



– **ଶୁଭମ୍ ବିଶ୍ୱାଳ,** କ୍ଲାସ୍-୭, ସରକାରୀ ୟୁପି ସ୍କୁଲ, କୋଟକଣା, ଜଗତ୍‌ସିଂହପୁର





୧

**ଦୀପ୍ତିରାଣୀ ସାହୁ**
କ୍ଲାସ୍-୧, ସରସ୍ୱତୀ ଶିଶୁ ମନ୍ଦିର, ରସୁଲଗଡ, ଭୁବନେଶ୍ୱର

୨

**ତ୍ରାହି ବେହେରା**
କ୍ଲାସ୍- ୫, ଦିଲ୍ଲୀ ପବ୍ଲିକ ସ୍କୁଲ, ମିଆଁପୁର, ହାଇଦ୍ରାବାଦ

୩

**ସ୍ୱୟମ୍ ଶୁଭଦର୍ଶନ**
କ୍ଲାସ୍-୯, ଜାଭିୟର ହାଇସ୍କୁଲ, କେଦାରଗୌରୀ, ଭୁବନେଶ୍ୱର

୪

**ଅରିନ୍ଦମ୍ ପଣ୍ଡା**
କ୍ଲାସ୍- ୮, ଡୁନ୍ ଇଣ୍ଟରନ୍ୟାଶନାଲ ସ୍କୁଲ, ସିଜୁଆ, ଭୁବନେଶ୍ୱର

୫

**ପୀୟୂଷ କୁମାର ହୋତା**
କ୍ଲାସ-୮, ସରସ୍ୱତୀ ଶିଶୁ ମନ୍ଦିର, ସାକ୍ଷିଗୋପାଳ, ପୁରୀ

୬

**ସାଇଶ୍ରୀ ସାମଲ**
କ୍ଲାସ୍- ୬, ବାଳବିହାରୀ ସରକାରୀ ହାଇସ୍କୁଲ, ମହଲ, କେନ୍ଦ୍ରାପଡ଼ା

୭


**ସୋନାଲି ପ୍ରିୟଦର୍ଶିନୀ ବେହେରା**
କ୍ଲାସ୍- ୮,ଗୋପୀନାଥଦେବ ସରକାରୀ ୟୁ.ପି. ସ୍କୁଲ, ଗଣେଶ୍ୱରଶାସନ, ଧଉଳି

୮


**ସବ୍ୟସାଚୀ ଦାସ**
କ୍ଲାସ୍- ୪, ବିବେକାନନ୍ଦ ବିଦ୍ୟାମନ୍ଦିର, ତାଳଚେର, ଅନୁଗୋଳ

୯

**ଦୀକ୍ଷା ଦେବାଂଶୀ ବରାଳ**
କ୍ଲାସ୍-୪, କେନ୍ଦ୍ରୀୟ ବିଦ୍ୟାଳୟ-୧, ଭୁବନେଶ୍ୱର


୧


୨


୩


୪


୫


୬


୭


୮


୯

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



# ଟେନିସ୍‌ରେ ରେକର୍ଡ

ପିଲାମାନେ, ତୁମମାନଙ୍କୁ ଟେନିସ୍ ଖେଳିବାକୁ ଭଲ ଲାଗେ! ତୁମମାନଙ୍କ ପରି ୧୪ବର୍ଷର ପୁଅ ଟେନିସ୍ ଖେଳି ଗିନିଜ୍ ରେକର୍ଡ କରିଛନ୍ତି। ମହାରାଷ୍ଟ୍ରର ପି.ହରିକ୍ରିଷ୍ଣ ୧ଘଣ୍ଟା ଭିତରେ ଟେନିସ୍ ପ୍ୟାଡେଲରେ ୯୫୧୨ ହିଟ୍ କରି ରେକର୍ଡ ସୃଷ୍ଟି କରିଛନ୍ତି। ନିଜର ପୂର୍ବ ରେକର୍ଡ ୧୦୦୦ଟି ହିଟ୍ ଠାରୁ ଅଧିକ ରେକର୍ଡ କରି ନିଜ ରେକର୍ଡକୁ ମଧ୍ୟ କାଟିଛନ୍ତି। ସେ ନବମ ଶ୍ରେଣୀରେ ପାଠ ପଢ଼ନ୍ତି। ପି.ହରିକ୍ରିଷ୍ଣ ଏହି ରେକର୍ଡର ଶ୍ରେୟ ନିଜ ମାତାପିତା ଓ ସ୍କୁଲ୍‌ର ଶିକ୍ଷକଙ୍କୁ ଦେଇଛନ୍ତି। ଭବିଷ୍ୟତରେ ନିଜ ରେକର୍ଡକୁ ଆହୁରି ଭଲ କରିବେ ବୋଲି ଲକ୍ଷ୍ୟ ରଖିଛନ୍ତି।



## କ ବି ତା

### ଗଣେଶ ପୂଜା

ଗଣେଶ ଚତୁର୍ଥୀ ଆସିଛି
ଏ ଯେ ଦିବ୍ୟ ମୁହୂର୍ତ୍ତ,
ସବୁ ଅନୁଷ୍ଠାନେ ଗୃହରେ
ବିଦ୍ୟାଳୟେ ବିଶେଷ,
ମହା ଉପଚାରେ ପୂଜିତ
ଜ୍ଞାନଦାତା ବିଘ୍ନେଶ।
ପତ୍ର, ଫୁଲ, ରଙ୍ଗ କାଗଜ
ଜରି, ଆଲୋକମାଳେ,
ଆନନ୍ଦ ହିଲ୍ଲୋଳ ଶୁଭୁଛି
ଛାତ୍ରୀଛାତ୍ର ଗହଳେ।
ଧୂପ, ଦୀପ, ଘୃତ ବାସରେ
ବାୟୁମଣ୍ଡଳ ପୂରେ।
ମନ୍ତ୍ର ଧ୍ୱନି ଘୃତାହୁତିରେ
କୋଟି ଜୁହାର ଝରେ,
ପୂଜା ଘେନ ଏକଦନ୍ତ ହେ
ତାକୁ ଭକ୍ତି ଚିତ୍ତରେ।

**–ଶିବ ପ୍ରସାଦ ରାଉତ**, ଭଦ୍ରକ
ମୋ: ୮୧୪୪୨୨୮୧୧୫

### ଶ୍ରୀଗଣେଶ

କଳସ ଉପରେ ରଖି ପଇଡ଼
ନାଲି ଛିଟ ପିନ୍ଧା ହୋଇ,
ଘଟରେ ଓଁକ୍ଷର ଚାରିପଟେ ଲେଖି
ଶ୍ରୀଗଣେଶ ସ୍ମରଣଇ।
ଅଗ୍ର ପୂଜ୍ୟ ପାଇଁ ଘଟରେ ରହିଲେ
ସବୁ ଶୁଭ କାର୍ଯ୍ୟେ ଆସି,
ଭାଦ୍ରବ ମାସର ଶୁକ୍ଳ ଚତୁର୍ଥୀରେ
ତାଙ୍କ ଆଗମନ ଖୁସି।
ସବୁ ବିଦ୍ୟାଳୟ ଘରେ ସେଦିନ
ତାଙ୍କ ପ୍ରତିମାର ପୂଜା,
ଛାତ୍ରୀଛାତ୍ର ଗୁରୁ ମିଶି ପୂଜା କରୁ
ଦେଇ ଫଳ, ରାଶିଖଜା।
ବିଦ୍ୟାର ଠାକୁର ପ୍ରଭୁ ଲମ୍ବୋଦର
ଗଉରୀ ନନ୍ଦନ ଆସ,
ସାରା ସଂସାରରୁ ଅଜ୍ଞାନ ହଟାଇ
କରିବ ଜ୍ଞାନ ପ୍ରକାଶ।

**–କାମାକ୍ଷା ପ୍ରସାଦ ବେହେରା**,
ଢେଙ୍କାନାଳ
ମୋ: ୯୧୭୮୮୫୬୨୦୩

### ଗଣେଶ ଚତୁର୍ଥୀ

ଗଣେଶ ଚତୁର୍ଥୀ ଅତି ଶୁଭ ତିଥି
ନୂତନ ସଦନ ପ୍ରତିଷ୍ଠା ହୁଏ
ନୂତନ ଦୋକାନ କାରଖାନା ମାନ
ପୂଜା ପାଇଁ ଭଲ ଦିନ ଶୁଝାଏ।
ଗୃହ, ବିଦ୍ୟାଳୟ କୋଳାହଳମୟ
ନାନା ରଙ୍ଗେ ପ୍ରଭୁ ହୁଅନ୍ତି ସଜ୍ଜା



ଦେବ ବିଘ୍ନରାଜ ସଦା ଅଗ୍ରପୂଜ୍ୟ
ନାନା ଉପଚାରେ ପାଆନ୍ତି ପୂଜା।
ଘେନ ଗଣପତି କୋଟିଏ ପ୍ରଣତି
ତୁମ ଶ୍ରୀଚରଣେ ଶୁଭ ଲଗନେ।
ଦିବ୍ୟ ଜ୍ଞାନଦାତା ନାଶି ଅଜ୍ଞାନତା
ବିରାଜ ସକଳ ମନ ପରାଶେ।

**–ବସନ୍ତ କୁମାର ଦାସ**, ଯାଜପୁର
ମୋ:୯୪୩୭୫୯୭୮୯୬

### ଆଦ୍ୟ ଦେବତା

ମୂଷିକକୁ ତୁମେ ବାହନ କରିହେ
ବୁଲୁଥାଅ ପରା ସାରା ଜଗତ,
ଦେବତାଙ୍କ ମଧ୍ୟେ ତୁମେ ଆଦ୍ୟଦେବ
ତୁମ ଜୟ ଜୟ ଗାଏ ମରତ।
ଆସ ଆସ ଦେବ ଏ ଧରା ଭୁବନେ
ଛୁଇଁଯାଅ ତୁମେ ସବୁରି ସ୍ପନ୍ଦନେ,
ପୁଲକିତ ହେଉ ଆମ ସବୁ ଜୀବ ପ୍ରାଣ
ରଖିଥିବୁ ମଥା ସଦା ତୁମରି ଚରଣେ।
ବିଦ୍ୟାବୁଦ୍ଧି ଦାତା ତୁମେ ହେ ଦେବତା
ଘେନ ପ୍ରଭୁ ତୁମେ ଆମରି ଜଣାଣ,
ମାନସିକ କେତେ କରନ୍ତି ବିଦ୍ୟାର୍ଥୀ
ପୂରଣ ହେବାକୁ ତାଙ୍କ ମନସ୍କାମ।

**–ସୁବ୍ରତ କୁମାର ଜେନା**, ଯାଜପୁର
ମୋ: ୯୭୭୬୨୦୮୯୩୦

### ପ୍ରଭୁ ଗଜାନନ

ଗଣପତି ଗଣନାଥ ପ୍ରଭୁ ଗଜାନନ
ଯୋଡୁଅଛୁ ଦୁଇହାତ ଦିଅ ଦରଶନ।
ବୁଦ୍ଧିଦାତା ସିଦ୍ଧିଦାତା ବିଦ୍ୟାର ଠାକୁର
ଅଜ୍ଞାନକୁ ନାଶ କର ମହେଶ କୁମର।
ଜାଣିନାହୁଁ ମନ୍ତ୍ରପାଠ ଅବା ପୂଜା ବିଧି
ଆଶିଷରେ ହେଉ ତୁମ ଆମ୍ଭ କାର୍ଯ୍ୟ ସିଦ୍ଧି।
ଧୂପ ଦୀପ ନୈବେଦ୍ୟ ରଖିଛୁ ସଜାଡ଼ି
ତୋଳିଅଛୁ ଫୁଲ ପାଦେ ଦବାକୁ ଅଜାଡ଼ି।
ଏଇଦିନେ ତୁମ ଦୃଷ୍ଟି ଆମ ପରେ ପଡୁ
ରଖିଅଛୁ ପ୍ରଭୁ ତୁମ ପ୍ରିୟ ଖସାଲଡୁ।

**–ପ୍ରକାଶ କୁମାର ଚାନ୍ଦ**, ପୁରୀ
ମୋ: ୯୮୫୩୩୫୪୯୩୮

## ଏଥରର

- ଗଜାନନଙ୍କୁ କେଉଁ ଗଛର ପତ୍ର ଅର୍ପଣ କରାଯାଏ ?
- କେଉଁ ତିଥିରେ ଶ୍ରୀଗଣେଶଙ୍କ ଜନ୍ମଦିନ ପାଳନ କରାଯାଏ ?
- ବିନାୟକଙ୍କ ଦୁଇ ସ୍ତ୍ରୀଙ୍କର ନାମ କ'ଣ ?
- ଭାରତର କେଉଁ ରାଜ୍ୟରେ ଅଧିକ ଧୁମ୍‌ଧାମ୍‌ରେ ଗଣେଶ ପୂଜା ପାଳନ କରାଯାଏ ?
- ଶ୍ରୀଗଣେଶ କେଉଁ ଗ୍ରନ୍ଥ ଲେଖିଥିଲେ ?

## ଗତଥରର ଉତ୍ତର

- ଢେଙ୍କାନାଳ
- କୋରାପୁଟ
- ବଲାଙ୍ଗୀର
- ଗଜପତି
- କଳାହାଣ୍ଡି

## କହିଲ ଦେଖି



ଭାଦ୍ର ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ
ପାଳିତ ହୁଏ ଏ ପୂଜା,
ଶିକ୍ଷାନୁଷ୍ଠାନରେ ଛକବଜାରରେ
ପିଲାଏ ମାରନ୍ତି ମଜା
ହୁଏ କେତେ ସାଜସଜ୍ଜା,
ଅଗ୍ରପୂଜ୍ୟଙ୍କର ଆବାହନ ହୁଏ
(ପୂଜା)ନାମ କୁହ ନାତି ଅଜା।

**ଉ: ଗଣେଶ ପୂଜା**



ବାପା ପୁଅଙ୍କର ହୋଇଲା ସଂଗ୍ରାମ
କଟିଗଲା ପୁଅ ଶିର,
ମାତା ପାର୍ବତୀଙ୍କ ମାନସ ସନ୍ତାନ
ସିଏ ବିଦ୍ୟାଦାତା ବୀର।
ଗଜର ବଦନ ହୋଇଲା ରୋପଣ
ବାହନ ତାଙ୍କର ମୂଷା,
ରାଶିଲଡ୍ଡୁ ଯେଉଁ ଦେବତାଙ୍କ ପ୍ରିୟ
ତାଙ୍କ କୃପା କର ଆଶା।

**ଉ: ଶ୍ରୀ ଗଣେଶ**

ଲଡ୍ଡୁ ଭିତରେ ସେ ଅତି ପ୍ରିୟ ପରା
ତଇଳ ଜାତୀୟ ବୀଜ,
ଗୋଟିଏ ଖାଇଲେ ଆଉଗୋଟେ ଖୋଜ
ଖାଆନ୍ତି ଶ୍ରୀବିଘ୍ନରାଜ।
ଗୁଡ଼ ଅବା ଚିନି ମିଶେ,
ଲଡ୍ଡୁ ନାମ କହି କିଣିଆଣ ଯାଇ
ଗଣେଶଙ୍କ ପୂଜା ଆସେ।

**ଉ: ରାଶି ଲଡ୍ଡୁ**



**–ନିରଞ୍ଜନ ପତି**
ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ: ୯୯୩୮୧୩୩୫୫୯



**ସ୍ଲଥର ଜୀବନକାଳ**

ସ୍ଲଥର ଜୀବନକାଳ ପ୍ରାୟ ୩୦ବର୍ଷ ହୋଇଥାଏ। ଏମାନେ ସାଧାରଣତଃ ଦୁଇ ପ୍ରଜାତିର ଦେଖାଯା'ନ୍ତି। ଏକ ପ୍ରଜାତି ଦୁଇ ପଞ୍ଝା ଓ ଅନ୍ୟଟି ତିନି ପଞ୍ଝା ବିଶିଷ୍ଟ। ତେବେ ଅନ୍ୟ ପ୍ରାଣୀ ଯେପରି ସେମାନଙ୍କ ଛୁଆର ଯତ୍ନ ନିଅନ୍ତି, ଠିକ୍ ସେହିଭଳି ମା' ସ୍ଲଥ ତା' ଛୁଆର ଯତ୍ନ ନେଇଥାଏ।




**ପିମ୍ପୁଡ଼ିର ଘ୍ରାଣ ଶକ୍ତି**

ପିମ୍ପୁଡ଼ିର ଘ୍ରାଣଶକ୍ତି କୁକୁରଠୁ ଅଧିକ। ସେମାନେ ଖୁବ୍ ସହଜରେ ପାଣିରେ ପହଁରି ପାରନ୍ତି। ରାଣୀ ପିମ୍ପୁଡ଼ି ଅଧିକ ଦିନ ପର୍ଯ୍ୟନ୍ତ ବଞ୍ଚିପାରନ୍ତି। କିନ୍ତୁ ମରିବା ପୂର୍ବରୁ ସେ ମିଲିୟନ୍ ସଂଖ୍ୟକ ପିଲାଙ୍କୁ ଜନ୍ମ ଦେଇ ସାରିଥାଏ।




**ବାଦୁଡ଼ି ଓ ବାମ ପଟ**

ବାଦୁଡ଼ି ଯେତେବେଳେ ତା' କୋରଡ ଛାଡ଼ି ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହୁଏ, ସେ ସବୁବେଳେ ବାମପଟକୁ ହିଁ ତା' ଦିଗ ନିର୍ଦ୍ଧାରଣ କରିଥାଏ। ୧୦୦୦ ପ୍ରଜାତିର ବାଦୁଡ଼ି ଦେଖିବାକୁ ମିଳନ୍ତି। ଏମାନେ ରାତିରେ ବହୁତ ସକ୍ରିୟ ରୁହନ୍ତି।



**ଶିଡ଼ି ଚଢ଼ିପାରେ ଗାଈ**

ଗାଈମାନେ ସହଜରେ ଶିଡ଼ି ଚଢ଼ିପାରନ୍ତି। ହେଲେ ଓହ୍ଲାଇ ପାରନ୍ତି ନାହିଁ। ଦିନ ମଧ୍ୟରେ ଗାଈ ଆଠ ଘଣ୍ଟା ଖାଦ୍ୟ ଚୋବାଏ ଆଉ ସେତିକି ସମୟ (ଆଠ ଘଣ୍ଟା) ଶୋଇଥାଏ। ଗାଈଟିଏ ଦିନ ମଧ୍ୟରେ ପାଖାପାଖି ୪୦ ପାଉଣ୍ଡ ଖାଦ୍ୟ ଗ୍ରହଣ କରିଥାଏ।



**ଗେଣ୍ଡା ତିନି ବର୍ଷ ଶୋଇପାରେ**

ଗୋଟିଏ ଗେଣ୍ଡା ପାଖାପାଖି ତିନିବର୍ଷ ପର୍ଯ୍ୟନ୍ତ ଶୋଇପାରେ। ଗେଣ୍ଡା ମୁଖ୍ୟତଃ ରାତ୍ରିଚର ଜୀବ। ସେ ସନ୍ଧ୍ୟା ହେଲାମାତ୍ରେ ବାହାରେ ବୁଲନ୍ତି। ଖରା ସମୟରେ ନିଜ ଖୋଳପା ଭିତରୁ ନିଜକୁ ଶରୀରକୁ ଆଦୌ ବାହାରକୁ କାଢ଼ି ନ ଥାନ୍ତି।

# ଆ ଇ ନା



କ୍ରିତିକା ଶର୍ମା
୬ ବର୍ଷ / ଝାରସୁଗୁଡ଼ା



ସୂର୍ଯ୍ୟାଂଶୀ ପାତ୍ର
୧୦ ବର୍ଷ / ଭୁବନେଶ୍ୱର